# ଠିକାଦାର ମହାସଂଘର ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଆନ୍ଦୋଳନ

## ଢେଙ୍କାନାଳରେ ନିର୍ମାଣ କାର୍ଯ୍ୟ ଠପ୍



ଢେଙ୍କାନାଳ,୨୨।୨(ରତନ ନାୟାର)

ଓଡ଼ିଶା ଠିକେଦାର ମହାସଂଘ ମିଳିତ ମଞ୍ଚ ଆହ୍ୱାନରେ ୮ଦଫା ଦାବି ନେଇ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଆନ୍ଦୋଳନ ୨୦ ତାରିଖରୁ ଆରମ୍ଭ ହୋଇଛି । ଓଡ଼ିଶା ଠିକାଦାର ମହାସଂଘ ଢେଙ୍କାନାଳ ଜିଲା ଶାଖା ପକ୍ଷରୁ ମଧ୍ୟ ଜିଲାରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଆନ୍ଦୋଳନ ଆରମ୍ଭ ହୋଇଥିବାରୁ ବିଭିନ୍ନ ସ୍ଥାନରେ ଠିକାଦାରମାନେ ନିର୍ମାଣ କାର୍ଯ୍ୟକୁ ବନ୍ଦ କରାଇଛନ୍ତି । ଫଳରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଠପ୍ ହୋଇପଡିଛି । ପୂର୍ତ୍ତବିଭାଗ ସର୍କୁଲାରକୁ ତୁରନ୍ତ ରଦ୍ଦ କରି ସର୍ବନିମ୍ନ ଟେଣ୍ଡର ମୂଲ୍ୟ ଏସ୍‌ଓଆରରୁ ଅର୍ଥାତ ୦.୦୦ ପ୍ରତିଶତରୁ କମ୍ ନ କରିବାକୁ ଆଇନ ଅଣାଯାଉ, କୋଡାଲ ବ୍ୟବସ୍ଥା ଅନୁଯାୟୀ ପ୍ରତିବର୍ଷ ନିୟମିତ ଭାବେ ଏସ୍‌ଓଆର ସ୍ଥିରୀକୃତ କରାଯାଉ, ବହୁ ପୂର୍ବରୁ ପ୍ରଚଳିତ ସଟ୍ ଟେଣ୍ଡର କଲ ନୋଟିସ୍ ଦ୍ୱାରା ସର୍ବାଧିକ ଟେଣ୍ଡର ମୂଲ୍ୟ ୫ଲକ୍ଷ ଟଙ୍କାରୁ ୧୦ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଉ, କାର୍ଯ୍ୟଦକ୍ଷତାର ମାନଦଣ୍ଡକୁ ଏକ ରାଜ୍ୟ, ଏକ ଆଇନ ଭିତ୍ତିକ ପ୍ରଚଳନ କରାଯାଉ, ସମସ୍ତ ଲଘୁ ଖଣିଜ ଦ୍ରବ୍ୟ ପାଇଁ ଉଦ୍ଦିଷ୍ଟ ଅଚଳ ଖଣିକୁ ବାଦଦେଇ ସଚଳ ଖଣିର ତାଲିକା ପ୍ରସ୍ତୁତ କରି ଟେଣ୍ଡର ଆଇଟମରେ ଖଣିର ନାମ ସ୍ୱଷ୍ଟ ଭାବେ ପ୍ରକାଶ କରାଯାଉ, ଆବଶ୍ୟକ କାର୍ଯ୍ୟର ସମୟସୀମା ବୃଦ୍ଧି କଲାବେଳେ ଦିନପିଛା ଜୋରିମାନାକୁ ରଦ୍ଦ କରାଯାଉ, ଦରଦାମ ବୃଦ୍ଧିର ହିସାବ ୨୦୧୨ରୁ ୨୦୧୯ ପର୍ଯ୍ୟନ୍ତ ପ୍ରଚଳନ କରାଯାଉ, ଗ୍ରାମ୍ୟ ଉନ୍ନୟନ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଦ୍ୱାରା ପରିଚାଳିତ ଡବ୍ଲୁଏଏମ୍‌ଆଇଏସ୍‌କୁ ସୀମିତ କର୍ମଚାରୀଙ୍କ ଦ୍ୱାରା ପରିଚାଳନାରେ ଅହେତୁକ ବିଳମ୍ବ ପାଇଁ ପୂର୍ତ୍ତ ବିଭାଗର ଇ-ପ୍ରକ୍ୟୁରମେଣ୍ଟ ସେଲକୁ ସ୍ଥାନିତ କରାଯାଉ ଆଦି ଦାବିକୁ ନେଇ ଆନ୍ଦୋଳନ ଅନୁଷ୍ଠିତ ହେଉଛି । ବହୁ ପୂର୍ବରୁ ପ୍ରଚଳିତ ସର୍ବାଧିକ ୧୪.୯୯ ପ୍ରତିଶତ ଲେସ୍ ସର୍କୁଲାର ରଦ୍ଦ କରି ଓଡିଆ ଠିକାଦାରଙ୍କ ପ୍ରତି ବୈମାତୃକ ମନୋଭାବ ପ୍ରଦର୍ଶନ ହୋଇଛି ବୋଲି ମହାସଂଘ ପକ୍ଷରୁ ଅଭିଯୋଗ ହୋଇଛି । ଅଲ୍ ଓଡ଼ିଶା ଠିକାଦାର ମହାସଂଘ, ଅଲ ଓଡିଶା ଠିକାଦାର ୱେଲଫେୟାର ଆସୋସିଏସନ ଓ ଅଲ ଓଡ଼ିଶା ଇଲେକ୍ଟ୍ରିକାଲ ଠିକାଦାର ମିଳିତ ଭାବେ ମହାମଞ୍ଚ ଗଠନ କରି ସମସ୍ତ ଜିଲାର ପ୍ରତିନିଧିମାନଙ୍କ ସହମତିରେ ଉକ୍ତ ୮ଦଫା ଦାବିକୁ ଉପସ୍ଥାପନ କରିଥିବା ସୂଚନା ଦିଆଯାଇଛି ।

# କବି କାହ୍ନୁଚରଣ ଗ୍ରନ୍ଥାବଳୀ ଉନ୍ମୋଚିତ



ଢେଙ୍କାନାଳ,୨୨।୨(ରତନ ନାୟାର)

ଢେଙ୍କାନାଳ ବାଣିଜ୍ୟ ଓ ଶିଳ୍ପ ପ୍ରତିଷ୍ଠାନ ସଭାଗୃହ ପରିସରରେ ଅଖିଳ ଭାରତୀୟ ସାହିତ୍ୟ ପରିଷଦ ଢେଙ୍କାନାଳ ଜିଲା ଶାଖା ତରଫରୁ ଅନ୍ତର୍ଜାତୀୟ ମାତୃଭାଷା ଦିବସ ଓ କବି କାହ୍ନୁଚରଣଙ୍କ ଗ୍ରନ୍ଥାବଳୀ ଉନ୍ମୋଚନ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ଏକ ମନୋଜ୍ଞ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା । ଡ. କବିତା ମହାନ୍ତି ସଭାପତିତ୍ୱ କରିଥିବା ବେଳେ ନିବେଦିତା ରଥ ଓ ମମତା ମହାନ୍ତି କବିତାଗୁଡିକୁ ସଂଯୋଜନା କରିଥିଲେ। ୪୦ଜଣ କବି ସ୍ୱରଚିତ କବିତା ପାଠ କରିଥିଲେ । ଦ୍ୱିତୀୟ ଅଧିବେଶନରେ ଗ୍ରନ୍ଥାବଳୀ ଉନ୍ମୋଚନ କାର୍ଯ୍ୟକ୍ରମରେ ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ଡ. ସମୀର ସାହୁଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଗବେଷକ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ତପନ କୁମାର ଶତପଥୀ, ମୁଖ୍ୟବକ୍ତା ଭାବେ ପ୍ରାଧ୍ୟାପକ ରମେଶ ସାହୁ, ବିଶିଷ୍ଟ ଅତିଥି ଭାବେ ଅମ୍ବିକା ସାହୁ, ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ଅଞ୍ଜନ ମହାରଣା ଓ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କବି ବାହାଦୁର ପାଟ୍ଟସାହାଣୀ, ଜିଲା ସମ୍ପାଦକ କବି ପ୍ରମୋଦ ପରିଡା ଯୋଗଦାନ କରି ଗ୍ରନ୍ଥାବଳୀ ଉପରେ ସମୀକ୍ଷା ଓ ଆଲୋଚନା କରିଥିଲେ । ସର୍ବୋଦୟ ମଣ୍ଡଳର ସମ୍ପାଦକ ଇଂ. ଲଳିତ ମୋହନ ବେହେରା କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ । ଶିଳ୍ପୀ ପରେଶ ଚନ୍ଦ୍ର ପଟ୍ଟନାୟକଙ୍କୁ ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶୁଭେନ୍ଦୁ ମହାପାତ୍ର, ପ୍ରମୋଦ ନାୟକ, ଇଂ. ଫକୀର ମୋହନ ସାହୁ, ଅଧ୍ୟାପକ କ୍ଷୀରୋଦ ନାୟକ, ମଧୁସୂଦନ ଶତପଥୀ ଓ ଲଗ୍ନଜିତ୍ ପୃଷ୍ଟି ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଶେଷରେ କବି କାହ୍ନୁ ଚରଣଙ୍କ ସୁପୁତ୍ର, ଗ୍ରନ୍ଥାବଳୀର ସଂକଳକ, ଅଖିଳ ଭାରତୀୟ ସାହିତ୍ୟ ପରିଷଦ ଢେଙ୍କାନାଳ ଜିଲାର ସଭାପତି ଡ. ଦୁର୍ଗାମାଧବ ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ ।

# ଢେଙ୍କାନାଳ କଲେଜରେ ବିଶ୍ୱ ମାତୃଭାଷା ଦିବସ




ଢେଙ୍କାନାଳ,୨୨।୨(ରତନ ନାୟାର)

ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ ବିଶ୍ୱ ମାତୃଭାଷା ଦିବସ ଶନିବାର ପାଳିତ ହୋଇଯାଇଛି । ଓଡ଼ିଆ ବିଭାଗ ମୁଖ୍ୟ ଶୁଭ୍ରକାନ୍ତ ପାଣିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ଡ. ରଜନୀକାନ୍ତ ଖୁଣ୍ଟିଆ ସଭାପତିତ୍ୱ କରି ମାତୃଭାଷାର ସୁରକ୍ଷା ଓ ପ୍ରସାର ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଇଂଲିଶ ବିଭାଗ ମୁଖ୍ୟ ଡ. ବିଭୁଦତ୍ତ ଦାଶ ଯୋଗଦେଇ ମାତୃଭାଷା ସହିତ ଅନ୍ୟ ଭାଷାର ସମ୍ପର୍କକୁ ନିର୍ଦ୍ଧାରଣ କରିବା ସହିତ ବହୁଭାଷିକ ଶିକ୍ଷା ଉପରେ ଗୁରୁତ୍ୱ ଦେଇଥିଲେ । ମୁଖ୍ୟବକ୍ତା ଭାବେ ସଂସ୍କୃତ ବିଭାଗ ମୁଖ୍ୟ ବିକାଶ ରଞ୍ଜନ ରଣା ମାତୃଭାଷାର ଗୁରୁତ୍ୱ ଆରୋପ କରିବା ସହିତ ମାତୃଭାଷା ମାଧ୍ୟମରେ ଶିକ୍ଷାଦାନ ଦ୍ୱାରା ଛାତ୍ରୀଛାତ୍ରଙ୍କ ମୌଳିକ ଜ୍ଞାନ ବୃଦ୍ଧି ପାଇବା ସହ ଜଟିଳ ବିଷୟଗୁଡ଼ିକୁ ସହଜରେ ବୁଝିପାରିବେ ବୋଲି ମତବ୍ୟକ୍ତ କରିଥିଲେ । ଓଡ଼ିଆ ବିଭାଗର ସହକାରୀ ପ୍ରଫେସର ରଶ୍ମିରଞ୍ଜନ ନାୟକ ମାତୃଭାଷା ଦିବସର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ସଭାକୁ ଓଡିଆ ବିଭାଗର ସହକାରୀ ପ୍ରଫେସର ମନୋଜ କୁମାର ମଲ୍ଲିକ ସଂଯୋଜନା କରିଥିଲା ବେଳେ ଅଧ୍ୟାପକ ନିର୍ମଳ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ବହୁ ଅଧ୍ୟାପିକା ଅଧ୍ୟାପକଙ୍କ ସମେତ ଓଡ଼ିଆ ବିଭାଗର ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ ।

# ବସ୍‌ଷ୍ଟାଣ୍ଡରେ ସମୟ ସାରଣୀକୁ ନେଇ ବିବାଦ ତେଜୁଛି

**ବିଶୃଙ୍ଖଳିତ ବ୍ୟକ୍ତିମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି**

**■୩ ବସ୍‌ର ପରମିଟ୍ ରଦ୍ଦ ପାଇଁ ସୁପାରିସ**

ଢେଙ୍କାନାଳ,୨୨।୨(ରତନ ନାୟାର)

ଢେଙ୍କାନାଳ ବସ୍‌ଷ୍ଟାଣ୍ଡରେ ଗତ କିଛିଦିନ ହେବ ବସ୍ ଚଳାଚଳର ସମୟ ସାରଣୀକୁ ନେଇ ବିବାଦ ସୃଷ୍ଟି ହୋଇ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା । ଏହାକୁ ନେଇ ଟାଉନ ଥାନାରେ ପୃଥକ ପୃଥକ ୩ଟି ମାମଲା ରୁଜୁ ହୋଇ ୨ଜଣ ଗିରଫ ହୋଇ କୋର୍ଟଚାଲାଣ ମଧ୍ୟ ହୋଇଥିଲେ। ଏପରିକି ୧ ତାରିଖ ଦିନ ବସ୍‌ଷ୍ଟାଣ୍ଡ ପରିସରରେ ଜଣେ ବସ୍ ମାଲିକଙ୍କ ଉପରେ ମରଣାନ୍ତକ ଆକ୍ରମଣ ମଧ୍ୟ ହୋଇଥିଲା । ଢେଙ୍କାନାଳ ବସ୍‌ଷ୍ଟାଣ୍ଡ ପରିସରରେ ବିଶୃଙ୍ଖଳା ସୃଷ୍ଟି କରୁଥିବା ଅସାମାଜିକ ବ୍ୟକ୍ତିଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଢେଙ୍କାନାଳ ଘରୋଇ ବସ୍ ମାଲିକ ସଂଘ ଟାଉନ ଥାନା ଅଧିକାରୀଙ୍କୁ ଲିଖିତ ଭାବରେ ଶନିବାର ଜଣାଇଥିବା ସଂଘ ପକ୍ଷରୁ ସଭାପତି ପ୍ରଭାକର ବେହେରା ଓ ସମ୍ପାଦକ ପ୍ରମୋଦ ବେହେରାଙ୍କ ସୂଚନାରୁ ଜଣାପଡିଛି । ଏହାକୁ ନେଇ ଶନିବାର ଜିଲା ସଡ଼କ ସୁରକ୍ଷା କମିଟି ବୈଠକରେ ମଧ୍ୟ ଆଲୋଚନା ହୋଇଥିଲା । ନିର୍ଦ୍ଧାରିତ ବସ୍ ଚଳାଚଳ ସମୟ ନିର୍ଘଣ୍ଟକୁ ଅବମାନନା କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ ଆଶିଷ ଈଶ୍ୱର ପାଟିଲ ଜିଲା ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବିଶୃଙ୍ଖଳା ଆଚରଣ ପ୍ରଦର୍ଶନ କରି ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି କରୁଥିବାରୁ ୩ଟି ବସ୍‌ର ପରମିଟ ରଦ୍ଦ ପାଇଁ ଏସ୍‌ଟିଏକୁ ସୁପାରିସ କରାଯାଇଥିବା ଜିଲା ଆଞ୍ଚଳିକ ପରିବହନ ଅଧିକାରୀ ଶିବାଶିଷ ସାହୁଙ୍କ ସୂଚନାରୁ ଜଣାପଡିଛି। ବସ୍‌ଷ୍ଟାଣ୍ଡ ପରିସରରେ କୌଣସି ଅସମାଜିକ କାର୍ଯ୍ୟକଳାପ ଓ ଅସାମାଜିକ ବ୍ୟକ୍ତିଙ୍କୁ ପ୍ରଶ୍ରୟ ଦିଆଯିବ ନାହିଁ ବୋଲି ସଡ଼କ ସୁରକ୍ଷା କମିଟି ବୈଠକରେ ଆଲୋଚନା ହୋଇଥିଲା ।

# ମାତୃଭାଷାକୁ ସମ୍ମାନ ଜଣାଇବା ପ୍ରତ୍ୟେକ ନାଗରିକର କର୍ତ୍ତବ୍ୟ



ଢେଙ୍କାନାଳ,୨୨।୨(ରତନ ନାୟାର)

ଢେଙ୍କାନାଳ ପୋଲିସ ଲାଇନ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ଶନିବାର ପାଳିତ ହୋଇଯାଇଛି । ଏହି ଅବସରରେ ମାତୃଭାଷାକୁ ସମ୍ମାନ ଜଣାଇବା ପ୍ରତ୍ୟେକ ଓଡ଼ିଆ ନାଗରିକର କର୍ତ୍ତବ୍ୟ ଉପରେ ଆଲୋଚନା ହୋଇଥିଲା । ଅଭିଭାବକ ସମ୍ମିଳନୀ, ଆଲୋଚନାଚକ୍ର, ସମ୍ବିଧାନର ପ୍ରସ୍ତାବନା ପଠନ, ଶପଥ ପାଠ ଆଦି କରାଯାଇଥିଲା । ପରେ ଛାତ୍ରୀଛାତ୍ରଙ୍କୁ ନେଇ ଗଳ୍ପ କଥନ, କବିତା ଆବୃତ୍ତି, ବକ୍ତୃତା, କୁଇଜ୍, ରଚନା, ନୃତ୍ୟ ଏବଂ ଗୀତ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ବିଦ୍ୟାଳୟ ପରିଚାଳନା କମିଟିର ସଭାପତି, ସଦସ୍ୟାସଦସ୍ୟ, ଅଭିଭାବକ, ଡିଆଇଇଟିର ଗୁରୁ ଛାତ୍ରୀଛାତ୍ରମାନେ ଓ ବିଦ୍ୟାଳୟର ଶିକ୍ଷୟିତ୍ରୀମାନେ ଉପସ୍ଥିତ ଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରେଖା ସାହୁ ଧନ୍ୟବାଦ ଦେଇଥିଲେ ।

# ନନ୍ଦିନୀ ଶତପଥୀ ଶିଶୁ ଉଦ୍ୟାନ ପ୍ରାଚୀର ନିର୍ମାଣ କାର୍ଯ୍ୟ ଆରମ୍ଭ



ଢେଙ୍କାନାଳ,୨୨।୨(ରତନ ନାୟାର)

ଢେଙ୍କାନାଳ ପୌରାଚଂଳର ୩ନଂ ୱାର୍ଡ କୁଞ୍ଜକାନ୍ତ ମଧୁବନ ଅଞ୍ଚଳରେ ନନ୍ଦିନୀ ଶତପଥୀ ଶିଶୁ ଉଦ୍ୟାନର ପ୍ରାଚୀର ନିର୍ମାଣ କାର୍ଯ୍ୟ ଶନିବାରଠାରୁ ଆରମ୍ଭ ହୋଇଛି। ୧୨ଗୁଣ୍ଠ ଜାଗାରେ ଏହି ଶିଶୁ ଉଦ୍ୟାନ ପ୍ରତିଷ୍ଠିତ ହେବାକୁ ଯାଉଛି । ଏହି ଜମିଟି କିଛିବର୍ଷ ଧରି ଜମି ବ୍ୟବସାୟୀଙ୍କ ଜବର ଦଖଲରେ ରହିଥିଲା । ଅଞ୍ଚଳବାସୀଙ୍କ ବହୁ ସଂଗ୍ରାମ ପରେ ଜମିରୁ ଜବରଦଖଲ ଉଠିଥିଲା । ଜମିରେ ଥିବା ବେଆଇନ ନିର୍ମାଣ କାର୍ଯ୍ୟକୁ ହଟାଯିବ ବୋଲି ନିଷ୍ପତ୍ତି ହୋଇଛି । ପ୍ରଥମ ପର୍ଯ୍ୟାୟରେ ପୌରାଧକ୍ଷା ଶିଶୁ ଉଦ୍ୟାନ ଚତୁପାର୍ଶ୍ୱରେ ପାଚେରି ନିର୍ମାଣ ନିମନ୍ତେ ୫ଲକ୍ଷ ଟଙ୍କା ମଞ୍ଜୁର କରିଥିବା ବେଳେ ଆଉ ୫ଲକ୍ଷ ଟଙ୍କା ଶିଶୁ ଉଦ୍ୟାନ ନିର୍ମାଣ ପାଇଁ ମଞ୍ଜୁର କରିଥିବା ଜଣାପଡ଼ିଛି । ଏଥିନିମନ୍ତେ ଉକ୍ତ ଅଞ୍ଚଳର ବିଜୁ ନନ୍ଦ, ସନ୍ତୋଷ ବେହେରା, ଡ. ସତ୍ୟଜିତ ମିଶ୍ର, ଡ. ମହେଶ୍ୱର ମହାପାତ୍ର, ଜୁବୁ ମହାପାତ୍ର, ଶିକ୍ଷାବିତ ଅନ୍ତର୍ଯ୍ୟାମୀ ତ୍ରିପାଠୀ, ଅନିମେଶ ରାଉତ, ନିବେଦିତା ସ୍ୱାଇଁ, ହିମାଦ୍ରୀ ମଲ୍ଲିକ, ଅତୁଲ୍ୟ ନନ୍ଦ, ସୁଧୀର ବେହେରା, ଡ. ଐଶ୍ୱର୍ଯ୍ୟ ମିଶ୍ର, ତପନ ପଟ୍ଟନାୟକ, ଦ୍ୟୁତିକୃଷ୍ଣ ମଲ୍ଲିକ, ବିଟି ବେହେରା, ମୁନା ପଟ୍ଟନାୟକ, ହିଂମାଂଶୁ ମଲିକ, ଶିକ୍ଷାବିତ ଡ. ଦେବୀ ପ୍ରସାଦ ମିଶ୍ର ଓ ଆଶୁତୋଷ ରାଉତ ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଥିବା ଜଣାଇଛନ୍ତି ।

# ମୋଟରୀ ବିଦ୍ୟାଳୟରେ ମାତୃଭାଷା ଦିବସ




ଢେଙ୍କାନାଳ,୨୨।୨(ରତନ ନାୟାର)

ଢେଙ୍କାନାଳ ସଦର ବ୍ଲକ ମୋଟରୀ ଉପ୍ରା ବିଦ୍ୟାଳୟ ପରିସରରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ଶନିବାର ପାଳିତ ହୋଇଯାଇଛି । ମାତୃଭାଷା ଶିକ୍ଷା ମାଧମରେ ପିଲାମାନଙ୍କର ସର୍ବାଙ୍ଗୀନ ବିକାଶ ଓ ମାତୃଭାଷାର ବ୍ୟବହାର ପ୍ରତି ପିଲାମାନଙ୍କୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ଏହି ଦିବସ ପାଳନ କରାଯାଇଥିଲା । ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଗଳ୍ପ କଥନରେ ସ୍ମୃତିରେଖା ସାହୁ, ସ୍ଲୋଗାନ ଲିଖନ ଓ ସଂଗୀତରେ ମୋନାଲିସା ସାହୁ, ପ୍ରବନ୍ଧ ଲିଖନରେ ଶକ୍ତିଲୋଚନ ସାହୁ, ବକ୍ତୃତାରେ ସୌଭାଗ୍ୟବତୀ ଖିଲାର ଓ କୁଇଜ୍‌ରେ ଜ୍ଞାନରଞ୍ଜନ ସାହୁ ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ପ୍ରଧାନ ଶିକ୍ଷକ ବିଷ୍ଣୁ ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଶିକ୍ଷକ ସନ୍ତୋଷ କୁମାର ଧଳ, ଶିକ୍ଷୟିତ୍ରୀ ଶୋଭାଶ୍ରୀ ଦଳେଇ, ସ୍ନିଗ୍ଧାମୟୀ ନାୟକ ଓ ସ୍ୱର୍ଣ୍ଣପ୍ରଭା ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ବିଶ୍ୱ ମାତୃଭାଷା ଦିବସ ପାଳିତ




ଢେଙ୍କାନାଳ,୨୨।୨(ରତନ ନାୟାର)

ଢେଙ୍କାନାଳ ଜିଲା ଗନ୍ଦିଆ ବ୍ଲକ କରମୂଳ ଗ୍ରାମପଞ୍ଚାୟତ ଆମ୍ବପଡ଼ା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଶନିବାର ବିଶ୍ୱ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ଅମ୍ବୁଜ କୁମାର ଶତପଥୀ, ସମ୍ମାନିତ ଅତିଥି ଦ୍ୱାରିକା ପ୍ରସାଦ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ । ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ପଣ୍ଡା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ପ୍ରଧାନ ଆଚାର୍ଯ୍ୟା ରୀନା ସ୍ୱାଇଁ ଧନ୍ୟବାଦ ଦେଇଥିଲେ । ଛୋଟଛୋଟ ପିଲାଙ୍କ ଦ୍ୱାରା ସ୍ୱାଗତ ସଂଗୀତ ପରିବେଷଣ କରାଯାଇଥିଲା । ସମୂହ ଶପଥ ପାଠ କରାଯାଇଥିଲା । ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଆଚାର୍ଯ୍ୟ ପ୍ରକାଶ ପଣ୍ଡା, ବୁଦ୍ଧିମନ୍ତ ସାହୁ, ଟୁକୁନା ପୃଷ୍ଟି, ଆଚାର୍ଯ୍ୟା ସସ୍ମିତା ପାଣିଗ୍ରାହୀ, ବନସ୍ମିତା ସାମଲ, ନିବେଦିତା ଶତପଥୀ, ସସ୍ମିତା ସାହୁ, ଅନୁପମା ଟିନାରା, ରୀନା ସାହୁ, ରୁନୁବାଳା ସ୍ୱାଇଁ, ମୌସୁମୀ ପତି ଓ ସସ୍ମିତା ପାଢୀ ପ୍ରମୁଖ ସହଯୋଗ କରିଥିଲେ ।

# ଅଟୋ ଓଲଟି ୧ ମୃତ, ୬ ଗୁରୁତର

ପରଜଙ୍ଗ, ୨୨।୨ (ନିଗମାନନ୍ଦ ଦଳବେହେରା)

ପରଜଙ୍ଗ ଥାନା ପଦାପାଟିଆ -ଆଖୁଆପାଳ ରାସ୍ତାର ମହୁଲଡଙ୍ଗା ଗାଁ ନିକଟରେ ଅଟୋ ଓଲଟି ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୬ ଜଣ ଗୁରୁତର ଆହତ ହୋଇଛନ୍ତି । ମୃତକ ଜଣଙ୍କ ହେଉଛନ୍ତି ଦଦରାଘାଟି ଫାଣ୍ଡି ଅନ୍ତର୍ଗତ ରଙ୍ଗଥଳି ଗାଁର ଜଳଧର ପ୍ରଧାନ । ଗୁରୁତରମାନେ ହେଲେ ସେହି ଗାଁର ଅଜିତ ଖଟୁଆ, ଦୁଷ୍ମନ୍ତ ବେହେରା, ଅର୍ଜୁନ ପ୍ରଧାନ, ଜଗନ୍ନାଥ ପ୍ରଧାନ, ବାଇକୁଳ ବେହେରା ଏବଂ ବିରଞ୍ଚି ବେହେରା । ସମସ୍ତେ କୁଟୁରିଆ ଗାଁସ୍ଥିତ ମା’ ବିଲେଇଶୁଣି ଶକ୍ତିପୀଠରୁ ଘରକୁ ଫେରୁଥିବା ବେଳେ ଦୁର୍ଘଟଣା ଘଟିଥିଲା । ଅଟୋଟି ଭାରସାମ୍ୟ ହରାଇ ଶାଖା କେନାଲ ଭିତରକୁ ଖସି ପଡ଼ିଥିଲା । ସ୍ଥାନୀୟ ଲୋକଙ୍କ ସହଯୋଗରେ ସମସ୍ତ ଗୁରୁତରଙ୍କୁ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ସେଠାରେ ଜଣଙ୍କର ମୃତ୍ୟୁ ଘଟିଥିବା ଘୋଷଣା କରିଥିଲେ ।

# ବୀରଭୂମି ସାହିତ୍ୟ ସଂସଦର ରଜତ ଜୟନ୍ତୀ



ପରଜଙ୍ଗ, ୨୨।୨ (ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲା ପରଜଙ୍ଗ ବୀରଭୂମି ସାହିତ୍ୟ ସଂସଦର ରଜତ ଜୟନ୍ତୀ ରବିବାର ସ୍ଥାନୀୟ ଡିହଡୋଳ ବଜାରର ଶ୍ରୀକ୍ଷେତ୍ର ମଣ୍ଡପଠାରେ ପାଳିତ ହୋଇଯାଇଛି । ବୀରଭୂମି ସାହିତ୍ୟ ସଂସଦର ସଭାପତି କବି ଯୁଗଳ କିଶୋର ନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ କବି ପ୍ରେମାନନ୍ଦ ପାଣିଗ୍ରାହୀ ଓ ମୁଖ୍ୟବକ୍ତା କବି ଅକ୍ଷୟ କୁମାର ନାୟକ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ କବି ଯତୀନ୍ଦ୍ର କୁମାର ସାହୁ, କବି ସୁଧାକର ନାୟକ ମଞ୍ଚାସୀନ ଥିଲେ । ଏହି ଅବସରରେ ‘ବୀରାଙ୍ଗନା’ ସାହିତ୍ୟ ପତ୍ରିକାର ଶୁଭ ଉନ୍ମୋଚନ ହୋଇଥିଲା । ତତ୍‌ସହିତ କବିକଳ୍ପ ଯୁଗୋଳ କିଶୋର ନାୟକଙ୍କ ‘ଉତ୍ତରଣ’, କବି ସୁଭାଷ ଚନ୍ଦ୍ର ଭୂତିଆଙ୍କ ନାଟକ ‘ଜୟ ଶ୍ରୀରାମ’, ଶିକ୍ଷକ ଅଜିତ କୁମାର ଦାସଙ୍କ ‘ମାଟି ସୁଗନ୍ଧ’ ଉନ୍ମୋଚିତ ହୋଇଥିଲା । କବି ଶରତଚନ୍ଦ୍ର ସାହୁ, ଭୀମସେନ ଖଟୁଆ, କବିଚନ୍ଦ୍ର ବେହେରା, ନଳିନୀକାନ୍ତ ସାହୁ, ଦିଲୀପ କୁମାର ବେହେରା, କବୟିତ୍ରୀ ଇନ୍ଦୁମତୀ ସାସମଲ, ଜ୍ୟୋତ୍ସ୍ନାମୟୀ ଦାସ, ରୀନାରାଣୀ ଜେନା ସ୍ୱରଚିତ କବିତା ପାଠ କରିଥିଲେ । ଶିଶୁ ପ୍ରତିଭା ସୌମ୍ୟଶ୍ରୀ, ଲକ୍ଷ୍ମୀପ୍ରିୟା, ସ୍ୱପ୍ନା, ଆଦ୍ୟାଶ୍ରୀ, ଭାଗ୍ୟଶ୍ରୀ ନିଜର କବିତା ପାଠ କରିଥିଲେ । ମୁଖ୍ୟ ଅତିଥି ପ୍ରେମାନନ୍ଦ ପାଣିଗ୍ରାହୀ, ମୁଖ୍ୟବକ୍ତା ଅକ୍ଷୟ କୁମାର ନାୟକ, ସମ୍ମାନିତ ଅତିଥି ସୁଧାକର ନାୟକ ଓ ଯତୀନ୍ଦ୍ର କୁମାର ସାହୁ, ସଭାପତି ଯୁଗଳ କିଶୋର ନାୟକ ମାନପତ୍ର ପ୍ରଦାନ କରିଥିଲେ ।

# ବିଜେଡିର ସାଙ୍ଗଠନିକ ବୈଠକ ଓ ନୂତନ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା

ଭୁବନ, ୨୨।୨ (ବିପିନ ବିହାରୀ ସେଠୀ)




ଢେଙ୍କାନାଳ ଜିଲା ଭୁବନ ବିଜେଡି ପକ୍ଷରୁ ରବିବାର ମହୁଲପାଳଠାରେ ସାଂଗଠନିକ ବୈଠକ ଓ ନୂତନ କର୍ମକର୍ତ୍ତାମାନଙ୍କୁ ସ୍ୱାଗତ ସମର୍ଦ୍ଧନା ପ୍ରଦାନ କରାଯାଇଛି । ସମର୍ଦ୍ଧନା ସଭାରେ ଜିଲା ସଭାପତି ଡ. ନୃସିଂହ ଚରଣ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆଗାମୀ ପଞ୍ଚାୟତ ଓ ଏନ୍‌ଏସି ନିର୍ବାଚନ ପାଇଁ କିପରି ନିଜର ଓ ନିଜ ଅଞ୍ଚଳରେ ରଣନୀତି ସଜାଡ଼ିବେ ସେ ସମ୍ପର୍କରେ ଆଲୋକପାତ କରିଥିଲେ । ଭୁବନ ଏନ୍‌ଏସିର ପୂର୍ବତନ ଅଧ୍ୟକ୍ଷ ତଥା ବିଜେଡିର ଏନଏସି ସଭାପତି ଶୁଭେନ୍ଦୁ କୁମାର ସାହୁ ସଭାପତିତ୍ୱ କରିବା ସହିତ ମଞ୍ଚାସୀନ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ । ଜିଲା କାର୍ଯ୍ୟକାରୀ ସଭାପତି ସନ୍ଦୀପ କୁମାର ଷଡଙ୍ଗୀ, ଭୁବନ ବ୍ଲକ ସଭାପତି ରମେଶ ଚନ୍ଦ୍ର ସାହୁ, ବ୍ଲକର ପୂର୍ବତନ ଅଧ୍ୟକ୍ଷ ଧର୍ମାନନ୍ଦ ବରାଳ, ବ୍ଲକ ଅଧ୍ୟକ୍ଷା ସିପ୍ରା ବରାଳ, ଭୁବନ ଏନଏସି ଅଧ୍ୟକ୍ଷ ଦାୟିତ୍ୱରେ ଥିବା ଉପାଧ୍ୟକ୍ଷା ମାନିନୀ ସାହୁ, ଜିଲା ସାଧାରଣ ସମ୍ପାଦକ ନରେନ୍ଦ୍ର କୁମାର ସାହୁ, ଅଭିମନ୍ୟୁ ବେହେରା, ଅଜୟ କୁମାର ସେଠୀ, ବିଶ୍ୱଜିତ ବାରିକ ଓ ଜିଲା ସମ୍ପାଦକ ସୋମନାଥ ମହାରଣା ଅତିଥି ଭାବେ ଯୋଗଦେଇଥିଲେ । କାର୍ଯ୍ୟକ୍ରମକୁ ଜିଲା ଉପସଭାପତି ସୁଧାକର ସାହୁ ପରିଚାଳନା କରିବା ସହିତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ।

**ସ୍ତ୍ରୀଙ୍କୁ ମାଡ଼ ଅଭିଯୋଗ**

ବଇଣ୍ଡା,(ପରିକ୍ଷିତ ସାହୁ): ଅନୁଗୋଳ ଜିଲା ହଣ୍ଡପା ଥାନା ଖଣ୍ଡବର ଗ୍ରାମର ଆରାଧନା ପ୍ରଧାନଙ୍କୁ ତାଙ୍କ ସ୍ୱାମୀ କ୍ଷୀରୋଦ ସାହୁ ମାଡ଼ ମାରିଥିବା ନେଇ ଆରାଧନା ଶନିବାର ହଣ୍ଡପା ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ନମ୍ବର ୬୪/୨୪ରେ ଏକ ମାମଲା ରୁଜୁ କରିଛି। ପୋଲିସ କହିଛି ଆରାଧନା ୨ବର୍ଷ ପୂର୍ବେ କ୍ଷୀରୋଦଙ୍କୁ ବିବାହ କରିଥିଲେ। ହେଲେ କୌଣସି କାରଣ ନ ଥାଇ ତାଙ୍କୁ ଅନେକ ସମୟରେ କ୍ଷୀରୋଦ ମାଡ଼ ମାରୁଥିବା ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି।



# ନିର୍ମାଣ ହେଉନି ଧଉରାଗୋଠ ଜଳସେଚନ ପ୍ରକଳ୍ପ

**ଅଞ୍ଚଳବାସୀଙ୍କ ଆନ୍ଦୋଳନ ଚେତାବନୀ**



ବଇଣ୍ଡା,୨୨।୨(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ହଣ୍ଡପା ଥାନା ବିଲେଇନାଳୀ ପଞ୍ଚାୟତରେ ଧଉରାଗୋଠ ଜଳସେଚନ ପ୍ରକଳ୍ପ ନିର୍ମାଣ ହେଉନାହିଁ। ଫଳରେ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ବହୁ ବର୍ଷ ପୂର୍ବେ ଉକ୍ତ ଜଳସେଚନ ପ୍ରକଳ୍ପ ପାଇଁ ସରକାର ଚିନ୍ତା କରିଥିଲେ ହେଁ ନିର୍ମାଣ ହୋଇନାହିଁ। ଉକ୍ତ ପ୍ରକଳ୍ପ ନିର୍ମାଣ ନ ହେଲେ ଆଗାମୀ ଦିନରେ ପୁଣି ଥରେ ଆନ୍ଦୋଳନ କରିବେ ବୋଲି ଧଉରାଗୋଠ ଜଳସେଚନ ଯୋଜନା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ରବିବାର ନିଷ୍ପତ୍ତି ନିଆଯାଇଛି। ଏନେଇ ଧଉରାଗୋଠ ନିକଟରେ ଧଉରାଗୋଠ ମଧ୍ୟମ ଜଳସେଚନ ଯୋଜନା କ୍ରିୟାନୁଷ୍ଠାନ କମିଟି ସଭାପତି ନିର୍ମଳ ନାୟକଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଧର ଧଳ, ଗୋକୁଳ ସାହୁ, ରତ୍ନାକର ସାହୁ, ମହେଶ୍ୱର ବେହେରା, ମଦନ ପ୍ରଧାନ, ଭ୍ରମରବର ପ୍ରଧାନ, ବିଦ୍ୟାଧର ପ୍ରଧାନ, ଅଞ୍ଜନ ସାହୁ, ନରୋତ୍ତମ ମାଝୀ, ଶ୍ରୀଧର ସାହୁଙ୍କ ସମେତ ବହୁ ଅଞ୍ଚଳବାସୀ ଯୋଗଦେଇଥିଲେ। ସେମାନଙ୍କ କହିବାନୁଯାୟୀ, ଦୀର୍ଘ ୬୦ବର୍ଷ ପୂର୍ବେ ଧଉରାଗୋଠ ନିକଟରେ ଏକ ଜଳସେଚନ ପ୍ରକଳ୍ପ ନିର୍ମାଣ ପାଇଁ ସରକାର ଚିନ୍ତା କରିଥିଲେ। ଏ ଭିତରେ ଅନେକ ସରକାର ବଦଳି ଥିଲେ ମଧ୍ୟ ଜଳସେଚନ ପ୍ରକଳ୍ପ ନିର୍ମାଣ ହୋଇନାହିଁ। ଏନେଇ ବହୁବାର ଆନ୍ଦୋଳନ କରାଯାଇଥିଲେ ହେଁ କୌଣସି ସୁଫଳ ମିଳିନାହିଁ । ରାଜ୍ୟ ସରକାରଙ୍କ ଉଦାସୀନତା ଯୋଗୁ ଜଳସେଚନ ପ୍ରକଳ୍ପ ନିର୍ମାଣ ହୋଇପାରୁ ନ ଥିବା କମିଟି ପକ୍ଷରୁ ଅଭିଯୋଗ କରାଯାଇଛି। ଧଉରାଗୋଠ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ ପାଇଁ ରାଜ୍ୟ ସରକାର ୨୦୦୭ରୁ ପ୍ରଶାସନିକ ସ୍ତରରେ ନିଷ୍ପତ୍ତି ଗ୍ରହଣ କରିଥିଲେ ହେଁ ତାହା କାର୍ଯ୍ୟକାରୀ କରିବା ପାଇଁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ଧଉରଗୋଠ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଆଠମଲ୍ଲିକ ଓ କିଶୋରନଗର ବ୍ଲକର ୫ଟି ପଞ୍ଚାୟତ ବିଲେଇନାଳି, ପେଡ଼ିପଥର, କୁରୁମଟାପ,କୁର୍ଣ୍ଣବାସପୁର, ସାନହୁଲା ପଞ୍ଚାୟତର ୨୨ ଟି ମୌଜାର ୧୦ ହଜାର ଏକରରୁ ଅଧିକ ଚାଷ ଜମି ଜଳସେଚିତ ହୋଇପାରିବ। ଧଉରାଗୋଠ ମଧ୍ୟମ ଜଳସେଚନ ଯୋଜନା କାର୍ଯକାରୀ କରିବା ପାଇଁ ରାଜ୍ୟ ସରକାର ପଦକ୍ଷେପ ଗ୍ରହଣ ନକଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି କମିଟି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି।

# ଜମିବାଡ଼ି ସମସ୍ୟାକୁ ନେଇ ୨ପରିବାର ମଧ୍ୟରେ ଗଣ୍ଡଗୋଳ

ବଇଣ୍ଡା,୨୨।୨(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା ହଣ୍ଡପା ଥାନା ଆୟମୁଣ୍ଡା ଗ୍ରାମର କୁନ୍ତଳା ନାୟକଙ୍କୁ ତାଙ୍କ ପଡ଼ୋଶୀ ବିଜୟ ନାୟକ, ସସ୍ମିତା ନାୟକ ମାଡ଼ ମାରିଥିବା କୁନ୍ତଳା ହଣ୍ଡପା ଥାନାରେ ଶନିବାର ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ନମ୍ବର ୬୨/୨୬ରେ ଏକ ମାମଲା ରୁଜୁ କରିଛି। ପୋଲିସ କହିଛି, କୁନ୍ତଳା ୧୦ଗୁଣ୍ଠ ଜମି କିଣିଥିବାବେଳେ ଉକ୍ତ ଜମିକୁ କେନ୍ଦ୍ରକରି ବିଜୟ ଓ ସସ୍ମିତା ତାଙ୍କୁ ମାଡ଼ ମାରିଥିବା ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି। ସେହିପରି ସସ୍ମିତା ଏକ ପାଲଟା ଅଭିଯୋଗ କରିଛନ୍ତି। ସେ ତାଙ୍କ ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି, କୁନ୍ତଳା ତାଙ୍କୁ ଓ ତାଙ୍କ ସ୍ୱାମୀ ବିଜୟଙ୍କୁ ମାଡ଼ ମାରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ନମ୍ବର ୬୩/୨୬ରେ ଏକ ମାମଲା ରୁଜୁ କରିଛି ।

# ତାଳଚେର ସୁପର ଥର୍ମାଲ ୱାର୍କର୍ସ ୟୁନିୟନର ବାର୍ଷିକ ଶ୍ରମିକ ସମାବେଶ




ପବିତ୍ରନଗର,୨୨।୨(ନିରୋଜ ପ୍ରଧାନ)

କଣିହାଁ ବ୍ଲକ ଗଦାଶିଳାସ୍ଥିତ ୟୁନିୟନ ଅଫିସଠାରେ ଏଆଇୟୁଟିୟୁସି ସହବନ୍ଧିତ ତାଳଚେର ସୁପର ଥର୍ମାଲ ୱାର୍କର୍ସ ୟୁନିୟନ ପକ୍ଷରୁ ରବିବାର ଏକ ବାର୍ଷିକ ଶ୍ରମିକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ୟୁନିୟନର ସମ୍ପାଦକ ପ୍ରହ୍ଲାଦ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଏଆଇୟୁଟିୟୁସି ଓଡ଼ିଶା ରାଜ୍ୟ ସମ୍ପାଦକ ତଥା ତାଳଚେର ସୁପର ଥର୍ମାଲ ୱାର୍କର୍ସ ୟୁନିୟନର ସଭାପତି ଜୟସେନ ମେହେର ଯୋଗଦେଇ କେନ୍ଦ୍ର ସରକାରଙ୍କ ଶ୍ରମିକମାରଣ ନୀତି ଉପରେ ଉଦବେଗ ପ୍ରକାଶ କରିବା ସହିତ ଶ୍ରମିକମାନଙ୍କ ସ୍ୱାର୍ଥ ଦୃଷ୍ଟିରୁ ଏହାର ବିରୋଧ ପାଇଁ ସୁସଂଗଠିତ ହେବାକୁ ଆହ୍ୱାନ ଦେଇଥିଲେ। ଅନ୍ୟତମ ବକ୍ତା ଭାବେ ଏଆଇୟୁଟିୟୁସିର ଅନୁଗୋଳ ଜିଲ୍ଲା ସମ୍ପାଦକ ବ୍ରଜବନ୍ଧୁ ସାହୁ, ଏଆଇପିଏଫ ଓଡ଼ିଶା ରାଜ୍ୟ ସମ୍ପାଦକ ଦୁଃଖିଶ୍ୟାମ ମଲ୍ଲିକ, ୟୁନିୟନର ଯୁଗ୍ମ ସମ୍ପାଦକ ଟୁନା ନାଏକ, କାର୍ଯ୍ୟକାରୀ କମିଟି ସଦସ୍ୟ ପ୍ରତାପ ପ୍ରଧାନ ପ୍ରମୁଖ ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଶ୍ରମିକ- କର୍ମଚାରୀ ମାରଣ ନୀତି ବିରୋଧରେ ସଙ୍ଗଠିତ ହେବାକୁ ଆହ୍ୱାନ ଦେଇଥିଲେ। ସମାବେଶରେ ଏନ୍‌ଟିପିସି ଠିକା ଶ୍ରମିକ ପ୍ରତିନିଧି, ସ୍ଥାୟୀ କର୍ମଚାରୀ ପ୍ରତିନିଧି, ପିଜିସିଆଇଏଲ, ଏମସିଏଲର ଶ୍ରମିକ ପ୍ରତିନିଧିମାନେ ଯୋଗଦେଇ ୟୁନିୟନକୁ ଶକ୍ତିଶାଳୀ କରିବା ସହିତ ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ମତାମତ ପ୍ରଦାନ କରିଥିଲେ।

# ରାଜ୍ୟ ବଜେଟ ମହିଳାମାନଙ୍କ ପାଇଁ ପ୍ରତାରଣାପୂର୍ଣ୍ଣ: ଏଆଇଏମ୍‌ଏସ୍‌ଏସ୍

ଅନୁଗୋଳ,୨୨।୨(ଦିବ୍ୟଶାନ୍ତନୁ ନାଥ)

ରାଜ୍ୟ ଭାଜପା ସରକାରଙ୍କ ଦ୍ୱାରା ଉପସ୍ଥାପନ କରାଯାଇଥିବା ବଜେଟରେ ମହିଳାମାନଙ୍କ ବିକାଶ କଥା ଉଲ୍ଲେଖ କରାଯାଇଛି। ମାତ୍ର ରାଜ୍ୟରେ ଅଣସଙ୍ଗଠିତ କ୍ଷେତ୍ରରେ କାମ କରୁଥିବା ମହିଳା ଶ୍ରମିକଙ୍କ ସମେତ ସରକାରଙ୍କର ବିଭିନ୍ନ ସ୍କିମ୍‌ଗୁଡ଼ିକୁ ବାସ୍ତବ ରୂପ ଦେଉଥିବା ଲକ୍ଷ ଲକ୍ଷ ଆଶା, ଅଙ୍ଗନୱାଡ଼ି, ମଧ୍ୟାହ୍ନ ଭୋଜନ ପାଚିକା ସହାୟିକାଙ୍କ ସମ୍ପର୍କରେ କୌଣସି ଉଲ୍ଲେଖ ନାହିଁ। ଖୁବ ନଗଣ୍ୟ ପାରିଶ୍ରମିକରେ କାମ କରୁଥିବା ସ୍କିମ ୱାର୍କରମାନେ ସେମାନଙ୍କର ଦରମା ବୃଦ୍ଧି ପାଇଁ ଲଗାତର ସରକାରଙ୍କ ନିକଟରେ ଦାବି କରିଆସୁଥିଲେ ସୁଦ୍ଧା ଏ ବିଷୟରେ ସରକାରଙ୍କ ବଜେଟ ନୀରବ। ବଜେଟରେ ମହିଳାଙ୍କ ବିକାଶ କଥା କୁହାଯାଇଛି, ମାତ୍ର ଆମ ରାଜ୍ୟ ନାରୀ ନିର୍ଯାତନା କ୍ଷେତ୍ରରେ ଦେଶରେ ଶୀର୍ଷ ସ୍ଥାନରେ ଅଛି। ଏଆଇଏମ୍‌ଏସ୍‌ଏସ୍ ସର୍ବଭାରତୀୟ ସାଧାରଣ ସମ୍ପାଦିକା ଛବି ମହାନ୍ତି, ଓଡ଼ିଶା ରାଜ୍ୟ ସଭାନେତ୍ରୀ ସ୍ୱୟଂପ୍ରଭା ନାୟକ ଓ ସମ୍ପାଦିକା ସରୋଜିନୀ ନାୟକ ଏକ ମିଳିତ ବିବୃତିରେ କହିଛନ୍ତି ଯେ ରାଜ୍ୟ ସରକାରଙ୍କ ଚଳିତ ବଜେଟ ପରମ୍ପରାଧର୍ମୀ ଓ ଗତାନୁଗତିକ, ଯାହା ରାଜ୍ୟବାସୀଙ୍କ ବାସ୍ତବ ଓ ମୌଳିକ ସମସ୍ୟା ସମାଧାନର ପ୍ରତିଫଳନ ନୁହେଁ।

# ରୋଡ଼ସିଂହା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



ଅନୁଗୋଳ, ୨୨।୨(ମାନସ ବିଶ୍ୱାଳ)

ଅନୁଗୋଳ ବ୍ଲକ ଅନ୍ତର୍ଗତ ଅନ୍ତୁଲିଆ କ୍ଲଷ୍ଟରର ରୋଡ଼ସିଂହା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ରୂପେ ଅନ୍ତୁଲିଆ ପଞ୍ଚାୟତର ସରପଞ୍ଚ ମିନାକ୍ଷୀ ସାହୁ ଯୋଗଦେଇ ଆଜିର ଶିଶୁମାନେ ଆସନ୍ତାକାଲିର ଭବିଷ୍ୟତ ବୋଲି କହିଛନ୍ତି। ଏହି ବାର୍ଷିକ ଉତ୍ସବ ପାଳନ ମାଧ୍ୟମରେ ସେ ମନୋରଞ୍ଜନ ଲାଭକରିବା ସହିତ ଶୃଙ୍ଖଳା, ସମୟାନୁବର୍ତ୍ତିତା ଶିକ୍ଷା ଲାଭ କରି ପ୍ରତିଯୋଗିତାରେ ଭାଗନେଇ ନିଜ ପ୍ରତିଭାର ପରିଚୟ ଦେଇପାରିବେ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଗ୍ରାମର ସାମାଜିକ କର୍ମୀ ଜଗନ୍ନାଥ ପ୍ରଧାନ ଯୋଗଦେଇ ଯେଉଁମାନେ ପ୍ରତିଯୋଗିତାରେ ସଫଳତା ପାଇନାହାନ୍ତି ସେମାନେ ଦୁଃଖ ନ କରି ନିଜକୁ ଆଉ ଟିକିଏ ଦକ୍ଷତା ସମ୍ପନ୍ନ କରନ୍ତୁ। ଭାଗ ନେବା ହିଁ ସବୁଠାରୁ ବଡ଼କଥା ବୋଲି ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ରୂପେ ସାଧନ କେନ୍ଦ୍ର ସଂଯୋଜକ ପ୍ରଦୀପ ପରିଡା, ଉଦୀୟମାନ ଯୁବକ ଶ୍ରୀକାନ୍ତ ସାହୁ ଓ ନୃସିଂହ ଚରଣ ପ୍ରଧାନ ଯୋଗଦେଇଥିଲେ। ବିଦ୍ୟାଳୟର ଶିକ୍ଷକ ପ୍ରସନ୍ନ କୁମାର ରାଉତ ବିଦ୍ୟାଳୟର ବିବରଣୀ ପାଠ କରିଥିଲେ। ପ୍ରଧାନ ଶିକ୍ଷକ ସଦାନନ୍ଦ ନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। କ୍ରୀଡା ଓ ଶିକ୍ଷା କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା କୃତୀ ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ପୁରସ୍କାର ବଣ୍ଟନ କରିଥିଲେ।

# ବେଆଇନ ପଥର ଚାଲାଣ ଉପରେ ଚଢ଼ାଉ

**୫ ହାଇୱା ଜବତ, ୫ କୋର୍ଟ ଚାଲାଣ**

ପବିତ୍ରନଗର,୨୨।୨(ନିରୋଜ ପ୍ରଧାନ)

କଣିହାଁ ବ୍ଲକ ରେଙ୍ଗାଳି ଥାନା ଅନ୍ତର୍ଗତ ଏକ ପଥର କୁଆଁରୀରୁ ବେଆଇନ ଭାବେ ପଥର ଚୋରା ଚାଲାଣ ବେଳେ ୫ ହାଇୱା, ପ୍ରୋକଲିନ, ବ୍ରେକର ଜବତ କରାଯିବା ସହିତ ୫ଜଣ ହାଇୱା ଚାଳକଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସୂଚନା ଅନୁସାରେ, ଶନିବାର ରାତିରେ ରେଙ୍ଗାଳି ପୋଲିସ ପାଟ୍ରୋଲିଂ ବେଳେ ଖିଣ୍ଡୋ କୁଆଁରୀ ରାସ୍ତାରୁ ୫ଟି ପଥର ବୋଝେଇ ହାଇୱା, ଗୋଟିଏ ପ୍ରୋକଲିନ, ଗୋଟିଏ ଷ୍ଟୋନ ବ୍ରେକର ମେଶିନକୁ ଜବତ କରାଯାଇଥିଲା । ରବିବାର ତାଳଚେର ଖଣି ବିଭାଗର ଯାଞ୍ଚ ପରେ ଏଗୁଡିକ ବିନା ଟ୍ରାଞ୍ଜିଟ ପାସ୍‌ରେ ପଥର ପରିବହନ କରୁଥିବା ଜଣାପଡ଼ିବା ପରେ ଗାଡ଼ିଗୁଡ଼ିକୁ ଜବତ କରାଯିବା ସହିତ ସମସ୍ତ ଡ୍ରାଇଭରଙ୍କୁ କୋର୍ଟ ଚାଲାଣ କରାଯାଇଛି। ରେଙ୍ଗାଳି ଥାନା ଆଇଆଇସି ଚଞ୍ଚଳା ନାୟକଙ୍କ ନିର୍ଦ୍ଦେଶ କ୍ରମେ କଣିହାଁ ଆଇଆଇସି ରମଣୀ ରଞ୍ଜନ ଦଳେଇ ଉକ୍ତ କେସ୍‌ର ତଦନ୍ତ କରୁଥିବା ନେଇ ପାଲଲହଡ଼ା ଏସ୍‌ଡିପିଓ କୈଳାସ ଚନ୍ଦ୍ର ସେଠୀ ସୂଚନା ଦେଇଛନ୍ତି ।

# କେନ୍ଦୁପତ୍ର କର୍ମଚାରୀ ସଂଘର ଦାବିପତ୍ର



ଆଠମଲ୍ଲିକ, ୨୨।୨ (ଉଦିପ୍ତ ପୁରୋହିତ)

ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର ଆହ୍ୱାନ କ୍ରମେ ସ୍ଥାନୀୟ କେନ୍ଦୁପତ୍ର କର୍ମଚାରୀ ସଂଘ ବିଭିନ୍ନ ଦାବି ପୂରଣ ଉଦ୍ଦେଶ୍ୟରେ କେନ୍ଦୁପତ୍ର କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ସହିତ ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ଦାବିପତ୍ର ଦେଇଥିବା ଜଣାଯାଇଛି । ଦାବିପତ୍ରରେ ଲିଖିତ ଦାବି ମଧ୍ୟରେ ମୁଖ୍ୟତଃ କେନ୍ଦୁପତ୍ର ତୋଳାଳିମାନଙ୍କର କେନ୍ଦୁପତ୍ର କେରି ପ୍ରତି ଦରବୃଦ୍ଧି କରାଯିବା, ବନ୍ଧେଇ ଶ୍ରମିକମାନଙ୍କ ପାଇଁ ପତ୍ର ବଣ୍ଡଲ ପ୍ରତି ଦର ବୃଦ୍ଧି କରିବା, କେନ୍ଦୁପତ୍ର ଫଡ଼ି ଉଚ୍ଛେଦ ବନ୍ଦ କରିବା, ପରୋକ୍ଷ ଘରୋଇକରଣ ବନ୍ଦ କରିବା, କେନ୍ଦୁପତ୍ର ଉପରେ ଲାଗୁ ହୋଇଥିବା ଜିଏସ୍‌ଟି ହ୍ରାସ କରିବା, ବିଭିନ୍ନ ଡିଭିଜନରେ ଖାଲି ପଡ଼ିଥିବା ସିଜିଓନାଲ କର୍ମଚାରୀଙ୍କ ପ୍ରମୋଶନ ଭିତ୍ତିରେ ପୂରଣ କରିବା ପ୍ରଭୃତି ଦାବି ରହିଛି । ଏହି ଆନ୍ଦୋଳନରେ କେନ୍ଦୁପତ୍ର ତୋଳାଳି, ସିଜିଓନାଲ କର୍ମଚାରୀ, ଆନୁଷଙ୍ଗିକ ଶ୍ରମିକମାନେ ସାମିଲ ହୋଇଥିଲେ। ଶେଷରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦିଆଯାଇଥିବା ଦାବିପତ୍ରକୁ ରେଞ୍ଜ ଅଧିକାରୀ ବରେନ କୁମାର ପ୍ରଧାନ ଗ୍ରହଣ କରିଥିଲେ ।

# ଏନ୍‌ଟିପିସି ପକ୍ଷରୁ ୭୨ ଗାଁର ସରକାରୀ ସ୍କୁଲକୁ ଡୁଆଲ ଡେସ୍କ ବେଞ୍ଚ ପ୍ରଦାନ

ତାଳଚେର,୨୨।୨ (ମନୋଜ ନନ୍ଦ)

ଏନ୍‌ଟିପିସି କଣିହାଁ ନିକଟସ୍ଥ ସ୍କୁଲଗୁଡ଼ିକରେ ଗୁଣାତ୍ମକ ଶିକ୍ଷାକୁ ସମର୍ଥନ କରିବା ପ୍ରୟାସରେ କଣିହାଁ ବ୍ଲକର ୭୨ଟି ଗାଁର ୮୧ଟି ସରକାରୀ ସ୍କୁଲର ପିଲାମାନଙ୍କ ପାଇଁ ଭିତ୍ତିଭୂମି ସୁବିଧା କରିବା ଲାଗି ଏକ ଗୁରୁତ୍ୱପୂର୍ଣ୍ଣ ସିଏସ୍‌ଆର ପଦକ୍ଷେପ ଗ୍ରହଣ କରିଛି। ଏହି କାର୍ଯ୍ୟକ୍ରମ ଅଧୀନରେ ସ୍କୁଲଗୁଡ଼ିକୁ ମୋଟ ୧୪୦୦ ଡୁଆଲ ଡେସ୍କବେଞ୍ଚ ଯୋଗାଇ ଦିଆଯାଇଛି। ଏହି ବଣ୍ଟନ ଅଭିଯାନ ୨୦୨୫ ନଭେମ୍ବର ୨୯ରେ ଆରମ୍ଭ ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ ଖଜୁରିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏବଂ ଝରାବରାଣୀ ବିଦ୍ୟାଳୟକୁ ଡୁଆଲ ଡେସ୍କ ପ୍ରଦାନ କରାଯାଇଥିଲା। ୨୦୨୬ ଫେବୃଆରୀ ୭ ତାରିଖ ସୁଦ୍ଧା ବ୍ଲକର ସମସ୍ତ ୮୧ଟି ବିଦ୍ୟାଳୟରେ ସଫଳତାର ସହ ବେଞ୍ଚ ସଂଯୋଗ କରାଯାଇଥିଲା, ଯାହା ହଜାର ହଜାର ଛାତ୍ରୀଛାତ୍ରଙ୍କୁ ସିଧାସଳଖ ଲାଭଦେଇଛି। ଏହି ପଦକ୍ଷେପ ଏନ୍‌ଟିପିସି ତାଳଚେର କଣିହାଁ ଏହାର କାର୍ଯ୍ୟକ୍ଷମ କ୍ଷେତ୍ରରେ ଗୁଣାତ୍ମକ ଶିକ୍ଷାର ଉପଲବ୍ଧତା ବୃଦ୍ଧି କରିବା ଉପରେ ନିରନ୍ତର ଧ୍ୟାନକୁ ପ୍ରତିଫଳିତ କରେ। ପରିମଳ କ୍ଷେତ୍ରରେ ବିଦ୍ୟୁତ ଷ୍ଟେଶନ ପକ୍ଷରୁ ସ୍କୁଲଗୁଡ଼ିକରେ ୭୫ଟି ଶୌଚାଳୟ ବ୍ଲକ ନିର୍ମାଣ କରାଯାଇଛି, ଯାହା ହଜାର ହଜାର ଛାତ୍ରୀଛାତ୍ରଙ୍କୁ ଉପକୃତ କରିଛି ଏବଂ ସ୍ୱଚ୍ଛତା ଏବଂ ମର୍ଯ୍ୟାଦାକୁ ପ୍ରୋତ୍ସାହିତ କରିଛି। ବର୍ଷ ବର୍ଷ ଧରି ଏନ୍‌ଟିପିସି ତାଳଚେର କଣିହାଁ ଶିକ୍ଷା, ସ୍ୱାସ୍ଥ୍ୟସେବା, ପରିମଳ ଏବଂ ଗ୍ରାମୀଣ ଭିତ୍ତିଭୂମିରେ ଅନେକ ପ୍ରଭାବଶାଳୀ ସିଏସ୍‌ଆର କାର୍ଯ୍ୟକ୍ରମ ହାତକୁ ନେଇଛି, ଯାହା ନିକଟସ୍ଥ ଗ୍ରାମଗୁଡ଼ିକର ସାମାଜିକ-ଆର୍ଥିକ ବିକାଶରେ ନିରନ୍ତର ଯୋଗଦାନ ଦେଉଛି।

# ମାତୃଭାଷା ଓଡ଼ିଆ ଆମ ଜାତିର ଅସ୍ମିତା ଓ ପରିଚୟ

ଛେଣ୍ଡିପଦା,୨୨।୨(ଅଜିତ୍ ଧଳ)

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ବଡମହିତଳା ସ୍ଥିତ ଡିଏଭି ସାବିତ୍ରୀ ଜିନ୍ଦଲ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଫକୀର ମୋହନ ସାହୁଙ୍କ ଅଧ୍ୟକ୍ଷତାରେ ଶନିବାର ବିଶ୍ୱ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦୀପ ପ୍ରଜ୍ୱଳନ ପୂର୍ବକ ବରପୁତ୍ରଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ପ୍ରଧାନ ଶିକ୍ଷକ ଓଡ଼ିଆ ଭାଷାର ପ୍ରସାର ନିମନ୍ତେ ସମସ୍ତଙ୍କ କର୍ତ୍ତବ୍ୟ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଓଡ଼ିଆ ଶିକ୍ଷକ ସରୋଜ ଭୂତିଆ 'ମାତୃଭାଷା ସୁରକ୍ଷା' ଉପରେ ସମ୍ୟକ ଉଦ୍‌ବୋଧନ ଦେଇଥିଲେ । ୮ମ ଶ୍ରେଣୀ ଛାତ୍ରୀ ଶୁଭ୍ରାଂଶୀ ନାୟକ ଓ ପାୟଲ ରାଉତ ସମ୍ୟକ ବକ୍ତବ୍ୟ ପ୍ରଦାନ କରିଥିଲେ। ଶିକ୍ଷକ ଚିତ୍ତରଞ୍ଜନ ଦାସ, ଶୁଭ୍ରାଂଶୁ କୁମାର ଶତପଥୀ ଓ ବ୍ୟଙ୍ଗ କବି ଚିତ୍ତରଞ୍ଜନ ଓଝା ନିଜର ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ବିଦ୍ୟାଳୟ ପରିସରରେ 'ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ' ତରଫରୁ କବିତା ଆବୃତ୍ତି ଆସର ଓ ମାତୃଭାଷା ସମ୍ପର୍କିତ ଖୋଲାମଞ୍ଚ, ସାଧାରଣ ଜ୍ଞାନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ୭ମ ଶ୍ରେଣୀର ଛାତ୍ରୀ ସୁଚିତ୍ରା ଦେହୁରୀ ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ଶିକ୍ଷୟିତ୍ରୀ ଦୀପ୍ତିରେଖା ଦାସ ମଞ୍ଚ ପରିଚାଳନା କରିଥିଲେ । ସମସ୍ତ ଛାତ୍ରୀଛାତ୍ର ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଦ୍ୱାରା ମାତୃଭାଷା ଦିବସର ଶପଥ ପାଠ କରାଯାଇଥିଲା। ସଙ୍ଗୀତ ଶିକ୍ଷକ ଅଜୟ ଅମର ସିଂହଦେଓ ଦେଶାତ୍ମବୋଧକ ସଙ୍ଗୀତ ଗାନ କରିଥିଲେ। କଳା ଶିକ୍ଷକ ସୋମନାଥ ବେହେରା ସାଜସଜ୍ଜାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଶିକ୍ଷୟିତ୍ରୀ ମଧୁମିତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ ।

# ଘର ସମ୍ମୁଖରୁ ୨ବାଇକ୍ ଚୋରି

ବଁଅରପାଳ,୨୨।୨(ସୁବାସ ଚନ୍ଦ୍ର ସାହୁ)

ଅନୁଗୋଳ ଜିଲା ନାଲ୍‌କୋ ନଗର ଥାନା ଅନ୍ତର୍ଗତ କାଣ୍ଡସର ଗ୍ରାମ ମହୁଲବୁରୀ ସାହିର ଗୋବିନ୍ଦ ଚନ୍ଦ୍ର ମହାକୁଡ଼ଙ୍କ ୨ଟି ବାଇକ୍ ମଧ୍ୟରାତ୍ରୀରେ ଚୋରି ହୋଇଥିବା ନେଇ ନାଲ୍‌କୋ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ, ଶୁକ୍ରବାର ଗୋବିନ୍ଦ ରାତିରେ ଶୋଇଥିବାବେଳେ ଏକ ବାଇକ୍ ଯୋଗେ ୩ ଜଣ ଯୁବକ ଆସି ଗୋବିନ୍ଦଙ୍କ ଘର ସମ୍ମୁଖରେ ଥିବା ୨ଟି ବାଇକ୍ ନଂ. ଓଡି ୩୫ସି ୮୬୧୭ ଓ ନଂ.ଓଡି ୧୯ଭି ୦୩୨୬କୁ ନେଇ ଚାଲି ଯାଇଥିଲେ। ଏହା ଲାଗିଥିବା ସିସିଟିଭି କ୍ୟାମେରାରେ କଏଦ ହୋଇଛି। ଉକ୍ତ ଯୁବକ ହେଲମେଟ୍ ପିନ୍ଧି ଥିବାରୁ ସ୍ପଷ୍ଟ ଭାବେ ଚିହ୍ନି ହେଉ ନ ଥିଲା। ସିସିଟିଭି ଫୁଟେଜ୍ ଅନୁଯାୟୀ ରାତି ପ୍ରାୟ ୨ରୁ ୩ଟା ମଧ୍ୟରେ ଚୋରି ହୋଇଥିବା ଅନୁମାନ କରାଯାଉଛି। ଅଭିଯୋଗକୁ ଭିତ୍ତିକରି ନାଲ୍‌କୋ ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି।

# ଫପଣ୍ଡକୁ ପରାସ୍ତ କରି ଫାଇନାଲରେ କାଇଁଶିରିପାଲି



**ଜିଲା ଗ୍ରାମାଞ୍ଚଳ ଫୁଟ୍‌ବଲ ଲିଗ୍**

ଅନୁଗୋଳ,୨୨।୨(ଜ୍ୟୋତିରଞ୍ଜନ ସାହୁ)

ଅନୁଗୋଳ ଜିଲା ପିଟିସି ପଡ଼ିଆରେ ଚାଲିଥିବା ଜିଲା ଗ୍ରାମାଞ୍ଚଳ ଫୁଟ୍‌ବଲ ଲିଗ୍‌ରେ ରବିବାର ଏକ ରୋମାଞ୍ଚକର ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଫପଣ୍ଡ ଓ କାଇଁଶିରିପାଲି ମଧ୍ୟରେ ହୋଇଥିବା ଏହି ମ୍ୟାଚରେ କାଇଁଶିରିପାଲି ଦଳ ଦମ୍‌ଦାର ପ୍ରଦର୍ଶନ କରି ୫-୦ ଗୋଲ୍‌ରେ ଫପଣ୍ଡକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି। ମ୍ୟାଚ ଆରମ୍ଭରୁ କାଇଁଶିରିପାଲି ଖେଳାଳିମାନେ ଆକ୍ରମଣାତ୍ମକ ଖେଳ ଦେଖାଇଥିଲେ। ଦଳର ସମନ୍ୱିତ ଖେଳ ଓ ଦୃଢ଼ ରକ୍ଷା ପ୍ରଦର୍ଶନ ଫପଣ୍ଡ ପାଇଁ ଚାଲେଞ୍ଜ ସୃଷ୍ଟି କରିଥିଲା। ଫଳସ୍ୱରୂପ ଏକପକ୍ଷ ମ୍ୟାଚରେ କାଇଁଶିରିପାଲି ସ୍ପଷ୍ଟ ବିଜୟ ହାସଲ କରିଥିଲା। ଖେଳକୁ ଶ୍ରୀମୁଖ ଗଡ଼ନାୟକ ସୂଚାରୁ ଭାବେ ପରିଚାଳନା କରିଥିଲେ। ମ୍ୟାଚ ଅବସରରେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ଜିଲା ପରିଷଦ ଅଧ୍ୟକ୍ଷା ବବିତା ପ୍ରଧାନ, ପୂର୍ବତନ ଏମ୍‌ପି ମହେଶ ସାହୁ, ପୂର୍ବତନ ପାଲଲହଡ଼ା ବିଧାୟକ ମୁକେଶ ପାଲ, ବିଜେଡି ନେତା ବିପ୍ଳବ ଜେନା, ଅରୁଣାଭ ସିଂହ, ଛାତ୍ର ବିଜେଡି ସଭାପତି ରାଜୀବ ଲୋଚନ ଦାସ, ବିଜେଡି ରାଜ୍ୟ ସମ୍ପାଦକ ଚନ୍ଦ୍ରକାନ୍ତ ପ୍ରଧାନ, କାଉନସିଲର ବଳରାମ ଜେନା ଓ ଯୁବ ନେତା ଦିନେଶ ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କ ସହ ପରିଚିତ ହୋଇଥିଲେ । ସୋମବାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ବଲଣ୍ଡା ଓ ନାଲକୋ ମଧ୍ୟରେ ଅନୁଷ୍ଠିତ ହେବାକୁ ଥିବାବେଳେ ଦର୍ଶକମାନଙ୍କ ମଧ୍ୟରେ ବେଶ ଉତ୍ସାହ ଦେଖାଯାଇଛି।

# ମନୁଷ୍ୟକୃତ ବନାଗ୍ନି ରୋକିବାକୁ ଉପଜିଲାପାଳଙ୍କ ନିର୍ଦ୍ଦେଶ

ଅନୁଗୋଳ,୨୨।୨(ଦିବ୍ୟଶାନ୍ତନୁ ନାଥ)

ଗ୍ରୀଷ୍ମଋତୁରେ ମନୁଷ୍ୟକୃତ ଭାବେ ଜଙ୍ଗଲରେ ନିଆଁ ବ୍ୟାପୁଥିବାରୁ ଜଙ୍ଗଲ କିମ୍ବା ଏହାର ଆଖପାଖ ଅଞ୍ଚଳରେ ପିକ୍‌ନିକ୍ ଓ ସାମାଜିକ ସମାବେଶ ଉପରେ ଜିଲା ପ୍ରଶାସନ ପକ୍ଷରୁ ନିଷେଧାଦେଶ ଜାରି କରାଯାଇଛି। ସେହିପରି ଅନୁଗୋଳ ବନଖଣ୍ଡ ଅଞ୍ଚଳରେ ମନୁଷ୍ୟକୃତ ଜଙ୍ଗଲ ନିଆଁ ଅଧିକ ମାତ୍ରାରେ ହେଉଥିବା କାରଣରୁ ଜିଲାପାଳ ଚଳିତବର୍ଷ ଗ୍ରୀଷ୍ମପ୍ରବାହ ମୁକବିଲା ବୈଠକରେ ଏହାକୁ ଗୁରୁତ୍ୱ ଦେଇଛନ୍ତି। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଅନୁଗୋଳ ଉପଜିଲାପାଳ ମାୟାଧର ବେହେରା ସମସ୍ତ ସଂରକ୍ଷିତ ଜଙ୍ଗଲ ଓ ଗ୍ରାମ୍ୟ ଜଙ୍ଗଲ ଭିତରେ କିମ୍ବା ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ପିକ୍‌ନିକ୍ ଓ ସାମାଜିକ ସମାବେଶ ଆୟୋଜନ କରିବାକୁ ନିଷେଧାଦେଶ ଜାରି କରିଛନ୍ତି। ଜଙ୍ଗଲ ବୁଲିବାକୁ ଯାଉଥିବା ଲୋକଙ୍କ ଅବହେଳା ଯଥା କ୍ୟାମ୍ପ ଫାୟାର, ପିକ୍‌ନିକ୍ ସିଗାରେଟ ପାଇଁ ଅନେକ ସମୟରେ ଜଙ୍ଗଲ ପୋଡ଼ି ନଷ୍ଟ ହୋଇଥାଏ। ବନାଗ୍ନି ବିପଦରୁ ସୁରକ୍ଷା ପାଇଁ କଠୋର ପ୍ରତିରୋଧମୂଳକ ପଦକ୍ଷେପ ଗ୍ରହଣ ପାଇଁ ଜିଲା ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ରହିଛି। କଟକଣା ମାର୍ଚ୍ଚ ୧ ରୁ ବର୍ଷାଋତୁ ବା ମୌସୁମୀ ଆଗମନ ପର୍ଯ୍ୟନ୍ତ ରହିବ। ଜଙ୍ଗଲ ଭିତରକୁ ଦିଆସିଲି, ଲାଇଟର୍, ଇନ୍ଧନ ପ୍ରଭୃତି ନ ନେବାକୁ ବାରଣ କରାଯାଇଛି।

# 'ନିଜ ଶକ୍ତି, ସାମର୍ଥ୍ୟକୁ ସମାଜର ଉନ୍ନତି ଦିଗରେ ବିନିଯୋଗ କର'




ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ବାର୍ଷିକ ଉତ୍ସବ ଉଦ୍‌ଯାପନୀରେ ଉପସ୍ଥିତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ପ୍ରତିଷ୍ଠାତା, ବିଧାୟକ ଏବଂ ଅନ୍ୟମାନେ।

**ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ବାର୍ଷିକ ଉତ୍ସବ 'ଆଦ୍ୟାନ୍ତିକା-୨୦୨୬' ଉଦ୍‌ଯାପିତ**

କଟକ,୨୨।୨(କୁମାରଶ୍ରୀ)

ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ଦୁଇଦିନିଆ ବାର୍ଷିକ ଉତ୍ସବ 'ଆଦ୍ୟାନ୍ତିକା-୨୦୨୬' ଶନିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଥିଲେ, ବିକଶିତ ଓଡ଼ିଶା ଓ ବିକଶିତ ଭାରତ ନିର୍ମାଣର ସ୍ୱପ୍ନ ଓ ସଂକଳ୍ପ ସାକାର କରିବାରେ ଛାତ୍ରୀଛାତ୍ର ଓ ଯୁବ ସମ୍ପ୍ରଦାୟର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ନିଜର ଶକ୍ତି, ସାମର୍ଥ୍ୟକୁ କେବଳ ନିଜ ପରିବାର ପ୍ରତିପୋଷଣ ପାଇଁ ନୁହେଁ, ସମାଜର ଉନ୍ନତି ଦିଗରେ ବିନିଯୋଗ କରିବା ଅବଶ୍ୟକତା ରହିଛି ବୋଲି କହିଥିଲେ। ସମ୍ମାନିତ ଅତିଥି ସିନେ ଅଭିନେତା ଅରିନ୍ଦମ୍ ରାୟ, ସମ୍ମାନିତ ଅତିଥି ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ ଏବଂ ଅନ୍ୟତମ ସମ୍ମାନିତ ଅତିଥି ପିପିଲି ବିଧାୟକ ଆଶ୍ରିତ୍ ପଟ୍ଟନାୟକ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ବିଷୟରେ ପରାମର୍ଶ ଦେଇଥିଲେ। ସମାରୋହରେ ପୌରୋହିତ୍ୟ କରି ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିବା ସହ ସେମାନଙ୍କ ଗରିମାମୟ ଉପସ୍ଥିତି ପାଇଁ କୃତଜ୍ଞତା ଜଣାଇଥିଲେ। କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ପ୍ରାଧ୍ୟାପିକା ଡ. ଅନୁରେଖା ନାୟକ କାର୍ଯ୍ୟକ୍ରମ ସଂଯୋଜନା ଓ ପ୍ରାଧ୍ୟାପିକା ରୋଜାଲିନ୍ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ରେଜିଷ୍ଟ୍ରାର କୃଷ୍ଣ ପ୍ରସାଦ ପତି, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ନିର୍ଦ୍ଦେଶକ (ଛାତ୍ର ସମ୍ପର୍କ) ଲୋକନାଥ ବେହେରା, ଡେପୁଟି ରେଜିଷ୍ଟ୍ରାର ଶିଶିର କୁମାର ସାହୁ, ଶିବ ପ୍ରସାଦ ରଥ, ପଦ୍ମିନୀ କେୟାର ପରିଚାଳନା ନିର୍ଦ୍ଦେଶିକା ନୀଳାଞ୍ଜନା ମୁଖାର୍ଜୀ, ପ୍ରଫେସର ଡା. ଶିଶୁ ଶଙ୍କର ମିଶ୍ରଙ୍କ ସମେତ ବିଭିନ୍ନ ବିଭାଗ ଡିନ୍, ଅଧ୍ୟାପକ, ଅଧ୍ୟାପିକା, ପଦାଧିକାରୀ ଓ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ।

